# ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟ
## ଓଡିଶା (କଟକ)

## ବିଜ୍ଞପ୍ତି

**ସୟଦ ଅନସର ଅଲ୍ଲୀ (ଅପ୍ରାଧିକୃତ ଭାବେ ଅନୁପସ୍ଥିତ ଗାଡି ଚାଳକ)**

**ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟ, କଟକ**

**ଠିକଣା:**

**ଗ୍ରାମ:/ ପୋଷ୍ଟ:- ବ୍ରହ୍ମବରଦା, ଥାନା:- ଧର୍ମଶାଳା, ଜିଲ୍ଲା:- ଯାଜପୁର**

**ପିନ୍:- ୭୫୫୦୦୫ ।**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି କି ତା ୨୫।୦୨।୨୦୦୮ ରିଖ ଠାରୁ ଆପଣ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅପ୍ରାଧିକୃତ ଭାବେ ଅନୁପସ୍ଥିତ ଅଛନ୍ତି । ଏଥିପାଇଁ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟ ଜ୍ଞାପକ ସଂଖ୍ୟା ୧୩୬୪୯, ତା ୩୦/୦୮/୨୦୦୮ରିଖ ମାଧ୍ୟମରେ ଆପଣଙ୍କ ବିରୁଦ୍ଧରେ ଏକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା। ତଦନ୍ତକାରୀ ଅଫିସରଙ୍କ ତଦନ୍ତ ରିପୋର୍ଟ ଅନୁସାରେ ଆପଣଙ୍କ ବିରୁଦ୍ଧରେ ଆସିଥିବା ସମସ୍ତ ଅଭିଯୋଗ ସତ୍ୟ ପ୍ରମାଣିତ ହେଉଅଛି । ତଦନ୍ତ ରିପୋର୍ଟକୁ ଭିତ୍ତି କରି ଆପଣଙ୍କୁ ସରକାରୀ ସେବାରୁ କାହିଁକି ବହିଷ୍କାର କରା ନ ଯିବ ସେଥିପାଇଁ ଏକ "କାରଣ ଦର୍ଶାଅ" ନୋଟିସ ଏହି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୦୨୯; ତା ୧୬/୦୯/୨୦୧୭ ରିଖ ଓ ପତ୍ର ସଂଖ୍ୟା ୭୪୫୪; ତା ୧୬/୦୫/୨୦୧୮ ରେ ଆପଣଙ୍କ ସ୍ଥାୟୀ ବାସ ଠିକଣାରେ ପଠା ଯାଇଥିଲା । କିନ୍ତୁ ଅଦ୍ୟାବଧି ଏ ବିଷୟରେ ଆପଣ କୌଣସି ଜବାବ ଲିଖିତ ଭାବେ ଏ କାର୍ଯ୍ୟାଳୟରେ ଦାଖଲ କରିନାହାନ୍ତି।

ଏଣୁ ଏତଦ୍ୱାରା ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି ଯେ, ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଆପଣ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ ନିକଟରେ ହାଜିର ହୋଇ ନିଜର ଲିଖିତ ଜବାବ ଦାଖଲ କରିବେ। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଆପଣ ଲିଖିତ ଜବାବ ଦାଖଲ ନ କରନ୍ତି, ତେବେ ଆପଣଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଯୁଗ୍ମ ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବା କର ଆୟୁକ୍ତ
ଓଡିଶା, କଟକ